ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି


**ପତ୍ର ସଂ –୦୯/୨୦୨୪** | **ସପ୍ତାହ- ୦୫** | **ମଙ୍ଗଳବାର, ତାରିଖ-୩୦.୦୧.୨୦୨୪**

## ନୂଆପଡ଼ା ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୩୧.୦୧.୨୦୨୪ ରୁ ୦୪.୦୨.୨୦୨୪ ପର୍ଯ୍ୟନ୍ତ:

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚଦିନରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି । ଏହି ସମୟରେ ଆକାଶ ମେଘଶୁନ୍ୟ ରୁ ଆଂଶିକ ମେଘୁଆ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ମୁଖ୍ୟତଃ ଦକ୍ଷିଣ-ପଶ୍ଚିମ ରୁ ଉତ୍ତର-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୫ - ୦୦୯ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୯ - ୩୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୩ – ୧୪ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୩୧ – ୬୧ % ଓ ୧୯ – ୨୮ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୩୧-୦୧-୨୦୨୪ | ୦ | ୨୯ | ୧୪ | ୩ | ୪୪ | ୨୦ | ୬ | ୨୪୪ |
| | ୦୧-୦୨-୨୦୨୪ | ୦ | ୩୦ | ୧୪ | ୪ | ୫୫ | ୨୬ | ୬ | ୨୪୨ |
| | ୦୨-୦୨-୨୦୨୪ | ୦ | ୨୯ | ୧୩ | ୪ | ୬୧ | ୨୪ | ୯ | ୨୫୨ |
| | ୦୩-୦୨-୨୦୨୪ | ୦ | ୨୯ | ୧୩ | ୦ | ୪୨ | ୨୮ | ୮ | ୨୯୭ |
| | ୦୪-୦୨-୨୦୨୪ | ୦ | ୩୦ | ୧୪ | ୦ | ୩୧ | ୧୯ | ୫ | ୨୮୮ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

## ପାଣିପାଗ ଭିତ୍ତିକ କୃଷି ଉପଦେଶ

- ଫସଲରେ ରୋଗ ଓ ପୋକ ର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ଏବଂ କୀଟ ସଂଖ୍ୟା ଉପରେ ନଜର ରଖିବା ପାଇଁ ଆଲୋକ ଯନ୍ତା ବ୍ୟବହାର କରନ୍ତୁ ।
- ଭୂତାଣୁ ଦ୍ବାରା ସଂକ୍ରମିତ ପନିପରିବା ଗଛ ଗୁଡ଼ିକୁ ଅପାଡ଼ି ମାଟି ତଳେ ପୋତି ଦିଅନ୍ତୁ। ଏହା କରିବା ପରେ ଯଦି ସଂକ୍ରମଣ ନିୟନ୍ତ୍ରଣ ନ ହୁଏ ତେବେ ରୋଗ ବାହକର ନିୟନ୍ତ୍ରଣ ପାଇଁ ପ୍ରତି ୩ ଲିଟର ପାଣିରେ ୧ ମି.ଲି ଇମିଡାକ୍ଲୋପ୍ରିଡ କୁ ମିଶାଇ ସିଞ୍ଚନ କରନ୍ତୁ।
- ବର୍ତମାନ ସମୟରେ ଛିଡ଼ା ହେଇଥିବା ଫସଲ ଯଥା ମକା, ଚିନାବାଦାମ, ମୁଗ, ବୁଟ ଓ ପନିପରିବାରେ ଘାସ ନିୟନ୍ତ୍ରଣ ପାଇଁ ମାଟି ଖୋଳି ଘାସ ବାଛି ଦିଅନ୍ତୁ ।
- ରାସାୟନିକ ଔଷଧ କୁ ସର୍ବଦା ଅନୁମୋଦିତ ମାତ୍ରା ଓ ସଠିକ ପ୍ରଣାଳୀରେ ସକାଳେ ଅଥବା ଉପରବେଳା ପ୍ରୟୋଗ କରନ୍ତୁ ଏବଂ ପ୍ରୟୋଗ ସମୟରେ ପବନର ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ।
- ପନିପରିବା ଫସଲରେ ଅଙ୍ଗୀୟ ଅବସ୍ଥା ସମୟରେ ଧଳାମାଛି, ଜଉ, ପତ୍ର ଡିଆଁ ପୋକ ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ଓ ଉକୁଣିଆ ପୋକ ପାଇଁ ନୀଳ ରଙ୍ଗର ଯନ୍ତା ବ୍ୟବହାର କରନ୍ତୁ ।
- ବାଇଗଣ, ଫୁଲକୋବି, ବନ୍ଧାକୋବି, ଟମାଟୋ ଆଦି ପନିପରିବା ରେ ଫଳବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୩ ରୁ ୪ ଟି ଫେରୋମୋନ୍ ଟ୍ରାପ ବ୍ୟବହାର କରନ୍ତୁ ।

## ଡାଲୁଅ ଧାନ :

- **ଥଣ୍ଡା ଦାଉରୁ ତଳିର ଯତ୍ନ:** ତଳିଘରାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ। ଅପରାହ୍ଣରେ ରେ ତଳିଘରାରେ ଜଳସେଚନ କରନ୍ତୁ। ଅତ୍ୟଧିକ ଥଣ୍ଡା ହେଲେ ରାତିରେ ତଳିଘରାକୁ ପଲିଥିନ ସାହାଯ୍ୟରେ ଘୋଡ଼ାଇ ରଖନ୍ତୁ ଏବଂ ଦିନବେଳା ବାହାର କରିଦିଅନ୍ତୁ।
- ରୁଆ କାର୍ଯ୍ୟ ପାଇଁ ମୁଖ୍ୟ ଜମିକୁ ପ୍ରସ୍ତୁତ କରିଦିଅନ୍ତୁ । ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ଏକର ପିଛା ଡି.ଏ.ପି ୪୪ କି.ଗ୍ରା ଓ ୨୨ କି.ଗ୍ରା. ଏମ.ଓ.ପି ପ୍ରୟୋଗ କରନ୍ତୁ।
- ୩ ରୁ ୪ ସପ୍ତାହ ହେଇଥିବା ତଳିକୁ ବୁଦାପ୍ରତି ୩-୪ ଟି ହିସାବରେ ଧାଡ଼ି କୁ ଧାଡ଼ି ଏବଂ ବୁଦା କୁ ବୁଦା ୧୫ ସେ.ମି ବ୍ୟବଧାନରେ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋପଣ କରନ୍ତୁ।
- ପତ୍ରପୋଡ଼ା ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ତଳି ମୂଳକୁ ୦.୧% ପ୍ଲାନଟୋମାଇସିନ ଦ୍ରବଣରେ (୧ଗ୍ରାମ ପ୍ରତି ୧ ଲିଟର ପାଣି ହିସାବରେ ) ୩୦ ମିନିଟ ପର୍ଯ୍ୟନ୍ତ ବୁଡ଼ାଇ ରୋପଣ କରନ୍ତୁ।

- ମୁଖ୍ୟ ଜମିରେ ଘାସ ନିୟନ୍ତ୍ରଣ ପାଇଁ ବେନସଲଫ୍ୟୁରାନ ମିଥାଇଲ ଓ ପ୍ରିଟିଲାକ୍ଲୋର ର ମିଶ୍ରଣକୁ ଏକର ପିଛା ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ରୋଇବାର ୫ ରୁ ୧୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ନଚେତ ରୋଇବାର ୩ ରୁ ୫ ଦିନ ମଧ୍ୟରେ ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% ଡବ୍ଲୁ.ପି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଚିନାବାଦାମ:**

- **ଘାସ ପରିଚାଳନା:** ସଅଳ ଗଜା ପରବର୍ତୀ ଘାସମରା ଔଷଧ ଭାବରେ ବିହନ ବୁଣିବାର ୧୫ ଦିନ ମଧ୍ୟରେ ୧୦ ଲିଟର ପାଣିରେ ୩ ମିଲିଗ୍ରାମ ହିସାବରେ ଇମାଯେଥାପିର ୧୦% ଏସ.ଏଲ କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ କିମ୍ବା ବୁଣିବାର ୧୫ ରୁ ୨୦ ଦିନ ମଧ୍ୟରେ ୫ ମି.ଲି. ଫେନୋକ୍ସାପ୍ରୋପ୍-ପି-ଇଥାଇଲ ୯.୩% ଇ.ସି. କୁ ୧୨ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ରୋଗ ଓ ପୋକ ପରିଚାଳନା:**

- **କାଣ୍ଡ ଓ ଗଳା ସଢ଼ା:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲୁ.ପି କିମ୍ବା ୧.୫ ଗ୍ରାମ୍ କାରବେନଡାଜିମ୍ ୫୦% ଡବ୍ଲୁ.ପି କିମ୍ବା ୨ ମି.ଲି. ଭେଲିଡାମାଇସିନ କୁ ଭଲଭାବରେ ମିଶ୍ରଣ କରି ଗଛର ମୂଳ ଭାଗରେ ସିଞ୍ଚନ କରନ୍ତୁ।
- **ଧଳାମାଛି, ଜଉ, ପତ୍ର ଡିଆଁ ପୋକ:** ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ କୁ ଜମିରେ ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ ।
- **ଉକୁଣିଆ ପୋକ:** ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ନୀଳ ରଙ୍ଗର ଯନ୍ତା ବା କାର୍ଡ କୁ ଜମିରେ ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ ।
- **ତମ୍ବାଖୁ ପତ୍ରଖିଆ ପୋକ:** ପ୍ରତିକାର ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮ ଟି ସ୍ପୋଡୋ ଲିଓର ଲାଗିଥିବା ଫେରୋମୋନ ଟ୍ରାପ୍ ବା ସଙ୍ଗ ଆକର୍ଷକ ଜନ୍ତା ଲଗାନ୍ତୁ ଏବଂ ତିନି ସପ୍ତାହ ପରେ ଲିଓର କୁ ବଦଳାଇ ଦିଅନ୍ତୁ ।

**ମକା :**

- **ଘାସ ପରିଚାଳନା:** ମକା ବୁଣିବାର୨୦ରୁ ୨୫ ଦିନ ହେଇଯାଇଥିଲେ ଘାସ ବଛା ଓ ହୁଡ଼ା ଟେକା କାମ ସାରିଦିଅନ୍ତୁ । ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ ପ୍ରତି ୧୦ ଲିଟର ପାଣିରେ ୬ ମି.ଲି ଟେମ୍ବୋଟ୍ରାଇଓନ ୩୪.୪% ଏସ.ସି କିମ୍ବା ୧.୫ ଗ୍ରାମ ଟୋପ୍ରାମିଜୋନ ୩୩.୬% ଏସ.ସି କୁ ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ।
- **ସାର ପରିଚାଳନା:** ମଞ୍ଜି ବୁଣିବାର ୩୫ ରୁ ୪୦ ଦିନ ହେଇଯାଇଥିଲେ ପ୍ରଥମ କିସ୍ତି ସାର ଭାବରେ ଏକର ପିଛା ୨୫-୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ ।

**କୀଟ ପରିଚାଳନା:**

- **ଜଉ ଓଉକୁଣିଆ ପୋକ:** ପ୍ରତିକାର ଲାଗି ପ୍ରତି ପାଞ୍ଚ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲୁ.ଜି କିମ୍ବା ୧.୫ ମି.ଲି. ଇମିଡାକ୍ଲୋପ୍ରିଡ ୧୭.୮% ଏସ.ଏଲ. କୁ ମିଶ୍ରଣ କରି ସିଂଚନ କରନ୍ତୁ।
- **କାଣ୍ଡବିନ୍ଧା ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମି.ଲି. ହିସାବରେ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫୋସ ୫୦% ଇ.ସି. କୁ ମିଶାଇ ସିଂଚନ କରନ୍ତୁ।
- **ଫଲ ଆର୍ମି ୱର୍ମ:** ଏହି କୀଟର ନିୟନ୍ତ୍ରଣ ନିମନ୍ତେ ପ୍ରତି ପାଞ୍ଚ ଲିଟର ପାଣିରେ ୨ ଗ୍ରା. ଇମାମେକଟିନ୍ ବେନଜୋଏଟ୍ କୁ ମିଶାଇ ସିଂଚନ କରନ୍ତୁ ।

**ମୁଗ ଓ ବିରି :**

- **ଘାସ ପରିଚାଳନା:** ସଅଳ ଗଜା ପରବର୍ତୀ ଘାସମରା ଔଷଧ ଭାବରେ ବିହନ ବୁଣିବାର ୧୫ ରୁ ୨୦ ଦିନ ମଧ୍ୟରେ ୧୦ ଲିଟର ପାଣିରେ ୩ ମିଲିଗ୍ରାମ ହିସାବରେ ଇମାଯେଥାପିର ୧୦% ଏସ.ଏଲ କିମ୍ବା ୧ ମି.ଲି ଇମାଯେଥାପିର ୩୫% + ଇମଜାମୋକ୍ସ ୩୫% ଏସ.ଏଲ  କୁ ପ୍ରତି ୫ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ରୋଗ ପରିଚାଳନା:**

- **ସାହେବୀ ରୋଗ:** ଏହି ରୋଗର ଉପସ୍ଥିତି ଦେଖା ଦେଉଥିଲେ ସଂକ୍ରମିତ ହେଇଥିବା ଗଛ ଗୁଡ଼ିକୁ ଅପାଡ଼ି ମାଟି ତଳେ ପୋତି ଦିଅନ୍ତୁ। ଏହି ରୋଗର ବାହକ ଧଳା ମାଛି ର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮ ଟି ଅଠା ଲାଗିଥିବା ହଳଦିଆ ରଙ୍ଗର ଯନ୍ତା ବା କାର୍ଡ କୁ ଜମିରେ ଅଙ୍ଗୀୟ ଅବସ୍ଥାରେ ଲଗାନ୍ତୁ ।

**ହରଡ଼ :**

**ଅମଳ ପରବର୍ତୀ ଯତ୍ନ:**

- ଫଳର ୨/୩ ରୁ ୩/୪ ଭାଗ ଟୋପା ମାଟିଆ ରଙ୍ଗର ହେଇଗଲେ ଏହା ଅମଳ ନିମନ୍ତେ ଉପଯୁକ୍ତ ସମୟ ଅଟେ ।
- ଅମଳ ହେଇଥିବା ଗଛ ଗୁଡ଼ିକୁ ୩-୫ ଦିନ ପର୍ଯ୍ୟନ୍ତ ଜମିରେ ଖରାରେ ଶୁଖାନ୍ତୁ ଓ ବାଡ଼ି ସାହାଯ୍ୟରେ କିମ୍ବା ପୁଲମେନ ଥ୍ରେସର ସାହାଯ୍ୟରେ ଟୋପା ରୁ ମଞ୍ଜି କୁ ଅଲଗା କରନ୍ତୁ।

- ମଞ୍ଜି କୁ ଦୀର୍ଘଦିନ ସୁରକ୍ଷିତ ସାଇତି ରଖିବା ନିମନ୍ତେ ମଞ୍ଜି ଚୋପାରୁ ଅଲଗା କରିଲା ପରେ ତାହାକୁ ଖରାରେ ୩-୪ ଦିନ ପର୍ଯ୍ୟନ୍ତ ଶୁଖିବାକୁ ଦିଅନ୍ତୁ ଯେପରିକି ମଞ୍ଜିରେ ଥିବା ଜଳୀୟଂଶ ୯-୧୦% ରହିବ।

**ସୂର୍ଯ୍ୟମୁଖୀ:**

**ରୋଗ ଓ କୀଟ ପରିଚାଳନା:**

- **ଶୋଷକ କୀଟ ସମୂହ (ଜଉ ପୋକ, ପତ୍ରଡିଆଁ ପୋକ, ଉକୁଣିଆ ପୋକ ଓ ଧଳାମାଛି):** ପ୍ରତିକାର ପାଇଁ ୩ ଗ୍ରାମ ଏସିଟାମିପ୍ରିଡ କିମ୍ବା ୪ ଗ୍ରାମ ଥାୟୋମେଥୋକଜାମ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ସୂର୍ଯ୍ୟମୁଖୀ କଢ ସୁଢ଼ଙ୍ଗୀ ପୋକ:** ପ୍ରତିକାର ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ବାସିଲୁସ ଥୁରିନଜିନସିସ (ଉପଜାତି-କୁରଷ୍ଟାକି) ୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ପାଉଁଶିଆ ରୋଗ:** ପ୍ରତିକାର ପାଇଁ ୧ ମିଲିଗ୍ରାମ ପ୍ରୋପିକୋନାଜୋଲ ୨୫% ଇ.ସି କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ଫୁଲ ସଢା ରୋଗ:** ପ୍ରତିକାର ପାଇଁ ୩ ଗ୍ରାମ କପରଅକ୍ସିକ୍ଲୋରାଇଡ ୫୦% ଦବ୍ଲୁ. ପି. କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା :**

**ପିଆଜ:**

- ବର୍ତମାନ ଖରିଫ ପିଆଜ ଏବେ ପିଆଜର ଆକାର ବୃଦ୍ଧି ଅବସ୍ଥା ରେ ଅଛି। ତେଣୁ ଅମଳର ଅନ୍ୟୁନ ୧୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କରନ୍ତୁ।
- ଖରାଟିଆ ପିଆଜ ଏବେ ଅଙ୍ଗୀୟ ଅବସ୍ଥାରେ ଅଛି। ତେଣୁ ମାଟି ଖୋଳି ଘାସ ବାଛି ଦିଅନ୍ତୁ ଏବଂ ଦ୍ୱିତୀୟ କିସ୍ତି ସାର ହସିବାରେ ଏକର ପିଛା ୟୁରିଆ ୩୫ କି.ଗ୍ରା. ଓ ଏମଓପି ୧୮ କି.ଗ୍ରା. ପ୍ରୟୋଗ କରିବା ସହିତ ହୁଡ଼ାଟେକି ଜଳସେଚନ ର ବ୍ୟବସ୍ଥା କରନ୍ତୁ।

**ଟମାଟୋ:**

**ରୋଗ ଓ କୀଟ ପରିଚାଳନା:**

- **ଫଳ ଓ କାଣ୍ଡବିନ୍ଧା ପୋକ :** ନିୟନ୍ତ୍ରଣ ପାଇଁ ଏକର ପ୍ରତି ଦୁଇଟି ଲେଖାଏଁ ଫେରୋମୋନ ଟ୍ରାପ ବ୍ୟବହାର କରନ୍ତୁ ନଚେତ ପ୍ରତି ୧୫ ଧାଡ଼ି ବ୍ୟବଧାନରେ ଗେଣ୍ଡୁଫୁଲ କୁ ଅନ୍ତ ଫସଲ ରୂପେ ଲଗାନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୩ ମି.ଲି କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫%ଏସ.ସି କିମ୍ବା ୧୦ ମି.ଲି. ଇନଡୋକ୍ସାକାର୍ବ ୧୪.୫% ଏସ.ସି କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- **ପତ୍ରଦାଗ/ପାଉଁଶିଆ ରୋଗ:** ପ୍ରତି ଏକ ଲିଟର ପାଣିରେ ୬ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ ୪.୮% + କ୍ଲୋରୋଥାଲୋନିଲ ୪୦% ଏସ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଝାଉଁଳା ଓ ପତ୍ର ପୋଡ଼ା ରୋଗ:** ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ଗ୍ରାମ କରବେନଡାଜିମ ସହିତ ୧ଗ୍ରାମ ପ୍ଲାନଟୋମାଇସିନ କୁ ମିଶ୍ରଣ କରି ଗଛ ମୂଳରେ ସିଞ୍ଚନ କରନ୍ତୁ।

**ଫୁଲ କୋବି ଓ ବନ୍ଧା କୋବି:**

**କୀଟ ପରିଚାଳନା:**

- **ଠିକିରି ପିଠିଆ ପ୍ରଜାପତି ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ତମ୍ବାଖୁ ପତ୍ରଖିଆ ପୋକ:** ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- **ଜଉ ପୋକ:** ନିୟନ୍ତ୍ରଣ ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି **କୁ** ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କା :**

**ରୋଗ ଓ କୀଟ ପରିଚାଳନା:**

- ବର୍ତମାନ ଗଛରେ ଉକୁଣିଆ ପୋକ ଓ ଫଳସଢ଼ା ରୋଗ ର ସଂକ୍ରମଣ ଲକ୍ଷ୍ୟ କରାଯାଇଛି | ଉକୁଣିଆ ପୋକ ଦ୍ୱାରା ଗଛ ର ପତ୍ରଗୁଡିକ ଉପରକୁ କୁଞ୍ଚିତ ହେଇଥାଏ | ଫଳସଢ଼ା ରୋଗ ହେଇଥିଲେ ଫଳ ରେ ଗୋଲାକାର ତଥା ତୀକ୍ଷ୍ଣ କୋଣଯୁକ୍ତ କ୍ଷତ ପରିଲିକ୍ଷିତ ହୋଇଥାଏ।
- **ଉକୁଣିଆ ପୋକ**: ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା ଲଗାନ୍ତୁ । ରାସାୟନିକ ଉପାୟରେ ସଂକ୍ରମଣ ରୋକିବା ପାଇଁ ପ୍ରତି ୫ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୨ ଗ୍ରା. କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. ୧୦ ମି.ଲି. କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୧.୫ ମି.ଲି ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- **ଫଳସଢ଼ା ରୋଗ**: ପ୍ରତିକାର ପାଇଁ ଏକ ଲିଟର ପାଣିରେ ଆଜୋକ୍ସିଷ୍ଟ୍ରୋବିନ୍ ୮.୩% + ମଙ୍କୋଜେବ ୬୬.୭% ଡବ୍ଲୁ.ଜି ୩ ଗ୍ରାମ୍ କିମ୍ବା ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି ୦.୫ ଗ୍ରା. ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

**ପଶୁପାଳନ:**

- **ଗାଈ ଓ ମଈଁଷି :** ଦୁଗ୍ଧ ଦେଉଥିବା ପ୍ରାଣୀ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଦାନା ଓ ସବୁଜ ଘାସ ଯୋଗାଇ ଦିଅନ୍ତୁ।
- **କୁକୁଡ଼ା:** କୁକୁଡ଼ା ଚିଆଁ ମାନଙ୍କୁ ଆବଶ୍ୟକୀୟ ଟୀକାକରଣ କରିବା ସଙ୍ଗେ ସଙ୍ଗେ ପ୍ରଥମ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଉପଯୁକ୍ତ ତାପମାତ୍ରା ପ୍ରଦାନ କରନ୍ତୁ। କୁକୁଡ଼ା ଘରକୁ ନିୟମିତ ଭାବେ ସଫା ରଖନ୍ତୁ ଓ ଚଟଣାକୁ ଆର୍ଦ୍ରତା ମୁକ୍ତ କରନ୍ତୁ।
- **ଛେଳି:** ଶୀତଦିନିଆ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ। ୨ ରୁ ୩ ମାସର ଛେଳି ଛୁଆମାନଙ୍କୁ ପ୍ରତିଦିନ ୫୦ ରୁ ୧୦୦ ଗ୍ରାମ ଦାନା ଖାଦ୍ୟ ଯୋଗାଇ ଦିଅନ୍ତୁ। ଏହାଦ୍ଵାରା ଛୁଆମାନଙ୍କର ସଠିକ ଶାରୀରିକ ବୃଦ୍ଧି ହେଇଥାଏ।

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।
**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**